# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
# ଢେଙ୍କାନାଳ

ପତ୍ର ସଂଖ୍ୟା ୯୪୭ / ସୂ.ଲୋ.ସଂ, ୦୬/୧୧/୨୦୧୯

## ଜିଲ୍ଲାସ୍ତରୀୟ ସତର୍କତା ଓ ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ

ଢେଙ୍କାନାଳ ତା ୬/୧୧/୨୦୧୯ରିଖ : - ଜିଲ୍ଲାସ୍ତରୀୟ ସତର୍କତା ଓ ପର୍ଯ୍ୟାଲୋଚନା କମିଟି ବୈଠକ ତା ୬.୧୧.୨୦୧୯ରିଖ ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ତଥା ନୃଶଂସତାର ଶିକାର ପାଇଁ ଆର୍ଥିକ ସହାୟତା ଏବଂ ଅନୁସୂଚିତ ଜାତିର ଲୋକଙ୍କ ସହିତ ଅନ୍ୟ ଜାତିର ଲୋକଙ୍କ ବିବାହ ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା । ନୃଶଂସତା ମାମଲା ଦର୍ଜ ହେବା ପରେ ଯଥାଶୀଘ୍ର ଶୀଘ୍ର ତଦନ୍ତ ଓ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ । ଏହି ସଭାରେ ଉପାଧ୍ୟକ୍ଷ ଓ ବିଧାୟକ ଏବଂ ପୂର୍ବ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକ୍, ପର୍ଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ସଦର ବିଧାୟକ ଶ୍ରୀଯୁକ୍ତ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକଙ୍କ ସହିତ ଅନ୍ୟାନ୍ୟ କମିଟି ସଦସ୍ୟା ସଦସ୍ୟମାନେ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମାନସ ରଞ୍ଜନ ମିଶ୍ର ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାମାନଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

— x —

ହେମନ୍ତ କୁମାର ନାୟକ
୦୬/୧୧/୨୦୧୯

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ